# ମୁଖବନ୍ଧ

ଏହି ପ୍ରତିବେଦନରେ ଦୁଇଟି ଭାଗ ଅନ୍ତର୍ଭୁକ୍ତ । ଓଡ଼ିଶା ସରକାରଙ୍କ ରାଜସ୍ୱ କ୍ଷେତ୍ର ଅଧିନରେ ଥିବା ବିଭାଗ ଏବଂ ସଂସ୍ଥାଗୁଡ଼ିକର ସମୀକ୍ଷା ଫଳାଫଳ ଭାଗ 'କ' ରେ ଅନ୍ତର୍ଭୁକ୍ତ କରାଯାଇଅଛି । ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅଧିନରେ ଥିବା ବିଭାଗ ଏବଂ ସଂସ୍ଥା ଗୁଡ଼ିକର ସମୀକ୍ଷା ଫଳାଫଳ ଭାଗ 'ଖ' ରେ ଅନ୍ତର୍ଭୁକ୍ତ କରାଯାଇଅଛି ।

ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ନିମନ୍ତେ 31 ମାର୍ଚ୍ଚ 2019 ସୁଦ୍ଧା ସମାପ୍ତ ବର୍ଷ ସମ୍ବନ୍ଧିତ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନଟି ରାଜ୍ୟପାଳଙ୍କ ନିକଟରେ ଦାଖଲ ନିମନ୍ତେ ପ୍ରସ୍ତୁତ କରାଯାଇଅଛି ।

## ଭାଗ-କ: ରାଜସ୍ୱ କ୍ଷେତ୍ର.

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ତଥା ସେବା ସର୍ତ୍ତାବଳୀ) ଅଧିନିୟମ, 1971 ଅନୁଯାୟୀ ରାଜସ୍ୱ କ୍ଷେତ୍ର ଅଧିନରେ ଥିବା ମୁଖ୍ୟ ରାଜସ୍ୱ ଉପାର୍ଜନ କରୁଥିବା ବିଭାଗମାନଙ୍କର ପ୍ରାପ୍ତିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତକୁ **ଭାଗ କ** ରେ ଅନ୍ତର୍ଭୁକ୍ତ କରାଯାଇଅଛି ।

## ଭାଗ-ଖ: ଆର୍ଥିକ କ୍ଷେତ୍ର

ଏହି ପ୍ରତିବେଦନର ଭାଗ-ଖ ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ସମବାୟ, ଜଙ୍ଗଲ ଓ ପରିବେଶ, ପୂର୍ତ୍ତ ଏବଂ ଜଳସମ୍ପଦ ବିଭାଗମାନଙ୍କର ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଉପରେ ଆଧାରିତ ।

ଏହି ପ୍ରତିବେଦନରେ 2018-19 ବର୍ଷରେ ହୋଇଥିବା ପରୀକ୍ଷା ଯାଞ୍ଚ ଛଡା ପୂର୍ବ ବର୍ଷ ଗୁଡିକରେ ଦେଖାଯାଇଥିବା ଘଟଣାବଳୀ ଗୁଡିକ ଯାହା ଗତ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇନଥିଲା ତାହା ଦର୍ଶାଯାଇଅଛି, ଆବଶ୍ୟକ ସ୍ଥଳେ ବର୍ଷ ପରର ଘଟଣାବଳୀକୁ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରୀ ହୋଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ଏହି ସମୀକ୍ଷା କରାଯାଇଥିଲା ।

ଅନୁବାଦିତ ରିପୋର୍ଟରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।